# ଭାଷା ସୁରକ୍ଷାରେ ଆମର କର୍ତ୍ତବ୍ୟ

ଅଶୋକ ମହାରଣା

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ:

'' ମାତୃଭୂମି ମାତୃ ଭାଷାରେ ମମତା ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀଗୁଣିରେ ଗଣିବା ଅଜ୍ଞାନ ରହିବେ କାହିଁ''

କୌଣସି ଜାତିର ପରିଚୟ ହିଁ ତାର ଭାଷା । ଭାଷା ନାହିଁ ତ ମଣିଷ ନାହିଁ,ଭାଷା ମରିଗଲେ ମଣିଥ ବଂଚିବା କଷ୍ଟକର ହୋଇପଡିବ । ଓଡିଆ ଭାଷା ଥିଲା । ପ୍ରାୟ ଦଶହଜାର ବର୍ଷ ତଳର ଏହି ଭାଷା ଲିଖିତ ଭାବରେ ୨ହଜାର ୫ଶହ ବର୍ଷ ତଳର । ଯେତେବେଳେ ଲିଖିତ ଭାଷା ନଥିଲା, ଯେ ନିରକ୍ଷର ସେ ବି ଭାଷା ଜାଣିଥିଲା । ଓଡିଆ ଭାଗବତ ହେଉ କି ପୁରାଣ,ରାମାୟଣ ହେଉ କି ମହାଭାରତ ଶୁଣି ଶୁଣି ମନେ ରଖୁଥିଲା । ଭାବକୁ ପରିବ୍ୟାପ୍ତ କରି ନିଜର ଆବଶ୍ୟକତାକୁ ପରିପ୍ରକାଶ କରିବା ଥିଲା ମୂଳ ।

ଓଡିଆ ଭାଷାର ଉତ୍ପତି ନେଇ କୌଣସି ନିର୍ଦ୍ଦିଷ୍ଟ ଏବଂ ସଠିକ୍ ତଥ୍ୟ ନଥିବା ବେଳେ ଓଡିଆଭାଷାଥିଲା ଏହା ମାନିନେବାକୁ ପଡିବ । ଚୀନ ପରିବ୍ରାଜକ ଓ୍ୱାନ ଚ୍ୟାନଙ୍ଗ ଉଲ୍ଲେଖ କରିଛନ୍ତି ମଧ୍ୟଭାରତଠାରୁ ଉତ୍ତରଦେଶରେ ଲୋକମାନେ ଏକ ସ୍ୱତନ୍ତ୍ର ଭାଷାରେ କଥାବା ର୍ା ହେଉଛନ୍ତି । ଅଶୋକଙ୍କ କଳିଙ୍ଗ ଯୁଦ୍ଧପୂର୍ବରୁ ଓଡିଶାରେ କେଉଁ ଭାଷା ପ୍ରଚଳିତ ଥିଲା ତାହା ଜାଣିବା କଷ୍ଟକର । ଅନେକ ସ୍ଥାନରେ ଦ୍ରାବିଡ ଏବଂ ଆଦିବାସୀ ଭାଷା ପ୍ରଚଳିତ ଥିଲା । ଏହା ମଧ୍ୟ ଅନୁମେୟ ପ୍ରାୟ ୪୨ଟି ଆଦିବାସୀ ଭାଷାରେ କଥାବା ର୍ା ହେଉଥିଲା ଯାହାର କୌଣସି ସ୍ୱତନ୍ତ୍ର ଲିପି ନଥିଲା ।ଅଶୋକଙ୍କ ଶିଳାଲେଖ ପାଲି ଭାଷାରେ ଲିଖିତ ହୋଇଥିବା ବେଳେ ଏହା ସଂସ୍କୃତରୁ ଆସିଥିଲା ।ଏହି ସମୟରେ ଓଡିଶାରେ ପାଲି ଏବଂ ପ୍ରାକୃତ ଭାଷା ପ୍ରବେଶ କରିଥିଲା ।ଓଡିଶାରେ ପ୍ରାକୃତ, ପାଲି ଏବଂ ସଂସ୍କୃତ ଭାଷା ପ୍ରଚଳନ ଥିଲା । କଙ୍ଗୋଦ ରାଜ୍ୟ ବା ଗଞ୍ଜାମ ଏବଂ ପୁରୀରେ ମଧ୍ୟ ପ୍ରଚଳିତ ଥିଲା ।ନବମଏବଂ ଦଶମ ଶତାବ୍ଦୀ ବେଳକୁ ଓଡିଶାର ରାଜନୈତିକ ପରିବ ର୍ନ ଓଡିଆ ଭାଷାରବିକାଶରେ ବାଧକ ସୃଷ୍ଟି କରିଥିଲା ।କୋଶଳ, ଉତ୍କଳ ଏବଂ ଏବଂ କଙ୍ଗୋଦ ରାଜ୍ୟରେ ସୋମବଂଶୀ ରାଜାମାନେ ଶାସନ କରୁଥିବା ବେଳେ ସୋବବଂଶୀ ରାଜା ଦ୍ୱିତୀୟ ଯୋଗାତି ୯୩୧ ମସିହାରେ କୋଶଳର ରାଜଧାନୀକୁ ଓଡିଶାର ଉପକୂଳ ବ ର୍ୀ ଅ ଳକୁ ସ୍ଥାନାନ୍ତର କରିଥିଲେ । ଏହି ସମୟରେ କୋଶଳ ରାଜ୍ୟବାସୀ ଭୋଜପୁରୀ ଭାଷାରେ କଥା ହେଉଥିବା ବେଳେ ଉପକୂଳବର୍ତ୍ତୀ ଓଡିଶାରେ ମଗଧୀ ଭାଷାରେ କଥା ହେଉଥିଲେ । ଏହି ଦୁଇଟିଭାଷା ପ୍ରାଚ୍ୟ ଏବଂ ପ୍ରାକୃତ ମିଶି ଓଡିଆ ଭାଷା ସୃଷ୍ଟି ହୋଇଥିବାର ମନେକରାଯାଏ । ପରବ ର୍ୀ ସମୟରେ ଓଡିଆ ଭାଷାର ପ୍ରକୃତ ବିକାଶ ଗଙ୍ଗବଂଶୀ ରାଜାମାନଙ୍କ ସମୟରେ ଘଟିଥିବାର ଜଣାଯାଏ ।ବିଭିନ୍ନ ସ୍ଥାନରୁ ମିଳିଥିବା ପ୍ରସ୍ତର ଏବଂ ତାମ୍ର ଫଳକରୁଏବଂ ଲେଖାରୁ ଜଣାଯାଏ ଯେ ଏହା ତାମିଲଏବଂ ଓଡିଆ ଭାଷାରେ ଲିଖିତ ।ଭୁବନେଶ୍ୱର ନିକଟବ ର୍ୀ ଅ ଳରୁ ଆବିଷ୍କୃତ ହୋଇଥିବା ଶିଳାଲେଖ ଏବଂ ବୀର ନରସିଂହଦେବଙ୍କ ସମୟରେ ଏହି ଭାଷା ପ୍ରଚଳିତ ଥିଲା । ଦ୍ୱିଭାଷୀରେ ଲେଖା ଏହି ତାମ୍ର ଏବଂ ଶିଳାଲେଖ ସିମାଚଳମର ଲକ୍ଷ୍ମୀନୃସିଂହ ମନ୍ଦିରରୁ ବି ମିଳିଥିବାର ଜଣାପଡିଛି । ବିଶେଷତଃ ଏହି ସମୟରେ ଓଡିଆ ଭାଷାର ଯଥେଷ୍ଟ ଉନ୍ନତି ଘଟିଥିବାର ଜଣାଯାଏ ।ଚୋଡଗଙ୍ଗଙ୍କ ସମୟରେ ମାଦଳାପାଞ୍ଜିକୁ ବି ଓଡିଆ ଭାଷା ବିକାଶର ବାହକ ଭାବରେ ଗ୍ରହଣ କରାଯାଏ । ଏହା ସହିତ ବିଭିନ୍ନ ସ୍ଥାନରେ ରହିଥିବା ଲୋକଗୀତ,ଲୋକନୃତ୍ୟରେ ବୋଲା ଯାଉଥିବା ସଙ୍ଗୀତ ଭାଷାର ବିକାଶରେ ସହାୟକ ହୋଇଥିଲା । ମୁଖରୁ ମୁଖକୁ ଲୋକଗୀତ ପ୍ରସାରିତ ହେଉଥିବା ବେଳେ ଲୋକଗୀତ ହିସାବରେ ଖନା ବଚନ ବି ଥିବା ଏକ ଅମୋଘ ଅସ୍ତ୍ର । ଖନା ବଚନ କୃଷି ଏବଂ ଜ୍ୟୋତିଷ ଶାସ୍ତ୍ର ସମ୍ପର୍କରେ

ବିସ୍ତୃତ ଭାବରେ ଲିଖିତ ହୋଇଥିବା ବେଳେ ଏହା ଥିଲା ଓଡିଆ ଭାଷା ବିକାଶର ଅନ୍ୟ ଏକ ସାହାରା ।ଲୋକମୁଖରୁ ହିଁ ଓଡିଆ ଭାଷାର ସୃଷ୍ଟି ହୋଇଥିଲା । ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିବା ବେଳେ ପଂଚଦଶ ଶତାବ୍ଦୀ ବେଳକୁ ଏହା ଲିଖିତ ଭାବରେ ଲୋକଲୋଚନକୁ ଆସିଥିଲା । ବୌଦ୍ଧଗାନ,ଦୋହା ଏବଂ ଚାର୍ଯ୍ୟପଦ ଭାବରେ ଏହା ପ୍ରଚଳିତ ଥିଲା ।

ଓଡିଆ ଭାଷାର ପ୍ରକୃତ ଉତ୍ପତି ଶାରଳା ଦାସଙ୍କ ଲିଖିତ ମହାଭାରତଙ୍କୁ ହିଁ ଅୟମାରମ୍ଭବୋଲି ଜଣାପଡିଛି । ପଂଚଦଶ ଶତାବ୍ଦୀରେ ଲିଖିତ ମହାଭାରତର ଆଦ୍ୟ ପର୍ବରେ ଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ଏବଂ ବିସ୍ତୃତ କଥା ହିଁ ଓଡିଆ ଭାଷା ସମ୍ପର୍କରେ ଅଧିକ ଜ୍ଞାନ ପରିଦୃଷ୍ଟ । ଏହା ସହିତ ଅନ୍ୟ ତିନୋଟି ପୁସ୍ତକ ବିଲଙ୍କା ରାମାୟଣ,ଅଠର ଖଣ୍ଡ ମହାଭାରତ ଏବଂ ଚଣ୍ଡିପୂରାଣ ହିଁ ଓଡିଆ ଭାଷାର ବିକାଶ ସମ୍ପର୍କରେ ଉଲ୍ଲେଖ କରିଥାଏ । ପରେ ପରେ ଜଗନ୍ନାଥ ଦାସଙ୍କ ଓଡିଆ ଭାଗବତ ଏବଂ ବତ୍ସଦାଶଙ୍କ କଳସ ଚଉତିଶା, ମାର୍କଣ୍ଡଦାସଙ୍କ କେଶବ କୋଇଲି ନାରାୟଣନନ୍ଦ ଅବଧୂତ ସ୍ୱାମୀଙ୍କର ରୁଦ୍ରସୁଧାନିଧି ବି ଓଡିଆ ଭାଷାର ବିକାଶରେ ସହାୟକ ହୋଇଥିଲା । ସବୁଠାରୁ ଅଧିକ ଲୋକପ୍ରୀୟ ଏବଂ ପ୍ରସାର ପ୍ରଚାର କରିବାରେ ସହାୟକ ହୋଇଥିଲା ଆ ଳିତ ଭି ିରେ ଅନୁଷ୍ଠିତ ସାଂସ୍କୃତିକ ଏବଂ ପାରମ୍ପାରିକ କଥାକୁ ନେଇ ପ୍ରଚଳିତ ଲୋକଗୀତ,ବୋଲି,ଲୋକନୃତ୍ୟ ଦଣ୍ଡ,ବଣ୍ଡି,ଘୋଡା ନାଚ,ଦାସ କାଠିଆ  ପ୍ରଭୃତି ।ସମୟାନୁକ୍ରମେ ଏସବୁ ଓଡିଶାର ଦୃଶ୍ୟପଟରୁ ଲୋପପାଇବାକୁ ବସିଥିବା ବେଳେ ଏବେ ଭାଷା ସୁରକ୍ଷା ନେଇ ପ୍ରଶ୍ନ ଉଠୁଛି । ଓଡିଆ ଭାଷାର ସୁରକ୍ଷାରେ ଓଡିଆ ବ୍ୟକ୍ତି ବିଶେଷଙ୍କ କର୍ତବ୍ୟ ବିଷୟରେ ଆଲୋଚନା କରିବାକୁ ହେଲେ ଯେଉଁ ତିକ୍ତ ଏବଂ କଷାୟ ଗତିରେ ଓଡିଆ ଭାଷା ଗତି କରିଛି ଏବଂ ଓଡିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାରେ ପରିଣତ କରିବା ଏବଂ ଭାଷାକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବାରେ ଯେଉଁମାନଙ୍କ ଭୂମିକା ସର୍ବଦା ଏ ମାଟିପାଇଁ ନମସ୍ୟ ସେମାନଙ୍କ ଅବଦାନକୁ ସ୍ମୃତି ଚାରଣ କରିବାକୁ ପଡିବ ।

ଓଡିଆଭାଷା ଯାହା ବି ଥିଲା ତାହାର ବିଲୋପପାଇଁ ଆରମ୍ଭ ହୋଇଥିଲା ଷଡଯନ୍ତ୍ର ।ଆଜି ବି ଓଡିଆ ଭାଷା ପ୍ରତି ବିଦପ ସୃଷ୍ଟି ହୋଇଛି ।  ଓଡିଆ ଭାଷା ପାଇଁ ଏବଂ ଭାଷା ଭିତିକ ରାଜ୍ୟ ଗଠନ ପାଇଁ ଯେଉଁ ବଳିଦାନ ସମୟ ଚକ୍ରରେ ନିଶ୍ଚିହ୍ନ ହେଉଯାଉଛି । ବାପା ଯଦି ଡାଡରେପରିଣତ ହେଲେମାଆ ଯଦି ମମିରେ ପରିଣତ ହେଲେ ସେଠରେ ଭାଷା ବଂଚିକ କି ନା ତା ସନ୍ଦେହ । ଓଡିଶା ମାଟିରେ  ଓଡିଆ ଭାଷା  କ୍ରମଶଃ ଲୁକ୍କାୟିତ ହେବାରେ ଲାଗିଛି । ସାରା ରାଜ୍ୟରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବୃଦ୍ଧି ଓ ଓଡିଆଭାଷା ପ୍ରତି ଆମର ମାନସିକତା  ବିପଦ ସୃଷ୍ଟି କରିଛି ।ଓଡିଆ ଭାଷା ସରକାରୀ ଭାଷା ରୂପେ ପ୍ରଚଳିତ ହୋଇ ମଧ  ଓଡିଆରେ ନାମ ଫଳକ,ଓଡିଆରେ ଫାଇଲ ପତ୍ର ଲେଖା ହୋଇପାରିଲା ନାହିଁ କାରଣ ଆମର ଇଂରାଜୀ ପ୍ରୀତି  ।ଓଡିଆ ଭାଷା ପ୍ରତି ବିପଦ କାଲି ବି ଥିଲା ଆଜି ବି ରହିଛି । ଓଡିଶାର ବରପୁତ୍ରମାନେ ଯେଉଁ ତ୍ୟାଗ ସ୍ୱିକାର କରି ଓଡିଶାକୁ ଭାଷାଭି ିକ ରାଜ୍ୟର ମାନ୍ୟତା ଦେବାରେ ସମର୍ଥହେଲେ, ସେହି ଭାଷାକୁ ସୁରକ୍ଷା ଦେବାରେ ଓଡିଶା ବାସୀ ସମ୍ପୁର୍ଣ୍ଣ ଅକ୍ଷମ ।ଓଡିଶାକୁ ଖଣ୍ଡ ବିଖଣ୍ଡିତ କରି ଶାସନ କରିବାର ଲକ୍ଷ୍ୟ ଓଡିଆ ଭାଷା ପ୍ରତି ସଙ୍କଟ ସୃଷ୍ଟି କରିଥିଲା । ମାନ୍ଦ୍ରାଜ, ମଧ୍ୟପ୍ରଦେଶ,ବଙ୍ଗ,ବିହାର ଭଳି ଓଡିଆ ଭାଷା ଭାଷି ଅ  ଳକୁ ନେଇ ପ୍ରସାଶନିକ ଦୃଷ୍ଟିରୁ ଏକତ୍ର କରିବା ସହ ମାନ୍ଦ୍ରଜ ପ୍ରେସିଡେନସୀ,ବଙ୍ଗ ପ୍ରେସିଡେନସି ଏବଂ ମଧ ପ୍ରଦଶରେ ରହିଥିଲା । ଓଡିଆ ପାଠ୍ୟ ପୁସ୍ତକର ଘୋର ଅଭାବ ଶିକ୍ଷା କ୍ଷେତ୍ରରେ ସବୁଠାରୁ ବଡ ପ୍ରତିବନ୍ଧକ ସାଜିଥିଲା ।ଏଭଳି ସମୟରେ ଭାଷାକୁ ନେଇଏକ ସ୍ୱତନ୍ତ୍ର ରାଜ୍ୟ ଗଠନର ମଞ୍ଜି ପୋତାଯାଇଥିଲା । ରାଜା ବୈକୁଣ୍ଠ ନାଥ ଦେ,ଫକୀର ମୋହନ ସେନାପତି,ମଧୁସୁଦନ ଦାସ,ଗଙ୍ଗାଧର ମେହେର,ନୀଳମଣି

ବିଦ୍ୟାଧରଙ୍କ ପ୍ରଚଷ୍ଟାରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇଥିଲା କର୍ଣ୍ଣଧାର ସାଜିଥିଲେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ନାରାୟଣ ଦେଓ । ୧୮୦୩ ମସିହାରେ ଇଂରେଜମାନେ ଓଡିଶାକୁ ଅଧିକାରକୁ ନେଲେ । ଗଞ୍ଜାମକୁ ମାନ୍ଦ୍ରଜ ପ୍ରେସିଡେନସି ,ସମ୍ବଲପୁର ମଧପ୍ରଦେଶ,ମେଦିନାପୁର ବଙ୍ଗ,ସିଂହଭୂମୀ ଛୋଟ ନାଗପୁରର ଏକ ଅଂଶ ଭାବରେ ପରିଗଣିତ ହେଉଥିଲା ଏହି ସମୟରେ ବାଲେଶ୍ୱର ଜିଲ୍ଲା ସ୍କୁଲର ବଙ୍ଗଳା ଶିକ୍ଷକ କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡିଆ ଏକ ସ୍ୱତନ୍ତ୍ର ଭାଷା ନଏ ବୋଲି ଦର୍ଶାଇଥିବାବେଳେ ବଙ୍ଗର ବିଶିଷ୍ଟ ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର ଏହାକୁ ସମର୍ଥନ କରିଥିଲେ । ବିଖ୍ୟାତ୍ ଭାଷାବିତ୍ ଜନ୍ ବିମସ୍ ଓଡିଶାର ଗଭର୍ଣ୍ଣର ଜେନେରାଲ ଗୋଲଡ୍ସବରୀ , ପ୍ରସିଦ୍ଧ ଲେଖକ ବାସୁଦେବ ମୁଖୋପଧାୟ ଏହାକୁ ଖଣ୍ଡନ କରିଥିଲେ ।ଏଭଳି ମନ୍ତବ୍ୟକୁ ଫକୀର ମୋହନ ସେନାପତି ,କବିବର ରାଧାନାଥ ରାୟ ବିରୋଧ କରିଥିଲେ ।୧୮୮୨ ମସିହାରେ ଓଡିଆ ଭାଷାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ଗଠିତ ହେଲା ଉତ୍କଳ ସଭା । କର୍ମବୀର ଗୌରୀଶଙ୍କର ରାୟ,ମଧୁସୁଦନ ଦାସ,ଚୌଧୁରୀ କାଶୀନାଥ ଦାସ ପ୍ରମୁଖ ଭାଷା ଆନ୍ଦୋଳନକୁ ତିବ୍ରତର କରିଥିଲେ ।

୧୮୮୬ ମସିହାରେ କଟକର ବିଚିତ୍ରାନନ୍ଦ ଦାସ,ବାଲେଶ୍ୱରରେ ଫକୀରମୋହନ ସେନାପତି,ଶ୍ୟାମାନନ୍ଦ ଦେଓଙ୍କ ଦ୍ୱାରା ପ୍ରି ିଂ ପ୍ରେସ ସ୍ଥାପନ କରି ଓଡିଆ ପତ୍ରପତ୍ରିକା ସମ୍ପାଦନ ଫଳରେ ଓଡିଆ ମାନଙ୍କୁ ଏକତାର ରଜ୍ଜୁରେ ବାନ୍ଧି ରଖିବାର ସୁତ୍ରକୁ ଟାଣ କରିଥିଲା ।୧୮୯୫ ମସିହା ଜାନୁୟାରୀ ୧୫ ତାରିଖରେ ମଧପ୍ରଦେଶର ମୁଖ୍ୟ କମିଶନର ସମ୍ବଲପୁର କୋର୍ଟ କଚେରୀରୁ ଓଡିଆ ଭାଷା ଉଚ୍ଛେଦ କରି ହିନ୍ଦି ଭାଷା ପ୍ରଚଳନ କରିଥିଲେ । ଏଭଳି ନିଷ୍ପ ିକୁ ବିରୋଧକରି ସମ୍ବଲପୁରରେ ଭାଷାକୁ ନେଇ ଆନ୍ଦୋଳନ ତେଜିଉଠିବା ସହ ମଦନ ମୋହନ ମିଶ୍ର,ଧରଣୀଧର ମିଶ୍ର,ବ୍ରଜ ମୋହନ ପଟ୍ଟନାୟକ,ବିହାରୀ ମୋହନ ଦାସ, ଦେବେନ୍ଦ୍ର ସୁପକାର ପ୍ରମୁଖ ଆନ୍ଦୋଳନକୁ ତିବ୍ରତର କରିଥିଲେ ।୧୯୦୨ରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସଅଧିବେଶନରେ ମଧୁସୁଦନ ଦାସ,ଗୌରୀଶଙ୍କର ରାୟ. ଓଡିଆ ଭାଷା ଭି ିକ ରାଜ୍ୟ ପାଇଁ ଦାବୀ ଉଠାଇଥିଲେ । ଲର୍ଡ କର୍ଜନଙ୍କ ଓଡିଶା ଆଗମନ କାଳରେ ଓଡିଆ ଭାଷାଭାଷୀ ଅ ଳର ଏକତ୍ରୀକରଣ ପାଇଁ ହୃଦବୋଧ କରିବା ସହ ୧୯୦୩ ରେ ସମ୍ବଲପୁର କୋର୍ଟ କଚେରୀରେ ପୁଣି ଓଡିଆ ଭାଷାର ପ୍ରଚଳନ ହୋଇଥିଲା ।୧୯୦୩ ମସିହା ଡିସେମ୍ବର ୩ ତାରିଖରେ ଭାରତ ସରକାରଙ୍କର ଘରୋଇ ସଚିବ ପ୍ରକାଶ କରିଥିଲେ ରିସଲେ ସାର୍କୁଲାର ଯେଉଁଥିରେ ସେ ଓଡିଆ ଭାଷାଭାଷୀ ଅ ଳର ଏକତ୍ରୀକରଣ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ ।ଅନ୍ତତଃ ୧୯ ଜଲାଇ ୧୯୦୫ରେ ସମ୍ବଲପୁର ମଧପ୍ରଦେଶରୁ ବିଛିନ୍ନହୋଇ ଓଡିଶା ଡିଭିଜନ ସହ ବଙ୍ଗ ପ୍ରେସିଡେନସି,ସମ୍ବଲପୁର ସହ କଳାହାଣ୍ଡି,ସୋନପୁର, ରେଢାଖୋଲ,ବାମଣ୍ଡା ପାଟଣାକୁ ମଧପ୍ରଦେଶ ତଥା ବଣାଇ ଓ ଗଙ୍ଗାପୁର ଛୋଟନାଗପୁର ଅ ଳରୁ ଆଣି ଓଡିଶା ଡିଭିଜନରେ ମିଶାଇବା ସହ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପଥ ପରିଷ୍କାର ହୋଇଯାଇଥିଲା ।ମଧୁବାବୁଙ୍କ ଆପ୍ରାଣ ଉଦ୍ୟମ ଓ ବଡଲାଟ ଲର୍ଡ ହାର୍ଡିଙ୍ଗଙ୍କ ପ୍ରଚେଷ୍ଟାରେ ସମ୍ବଲପୁର,ଅନୁଗୁଳ, ବାଲେଶ୍ୱର ଓ ପୁରୀ ଜିଲ୍ଲାକୁ ବଙ୍ଗରୁ ଆଣି ବିହାର ସହିତ ଓଡିଶାରେ ମିଶାଇବାପରେ ୧ ଏପ୍ରିଲ ୧୯୧୨ରେ ଗଠିତ ହେଲା ଓଡିଶା ପ୍ରଦେଶ । ୧୯୨୮ରେ ସାଇମନ କମିଶନକୁ ସମଗ୍ର ଭାରତରେ ବିରୋଧ ପ୍ରଦର୍ଶନ କରାଯାଇ ସାଇମନ ଗୋ ବ୍ୟାକ୍ର ସ୍ୱର ଉପୁଜିଥିବାବେଳେ ଓଡିଶା ଏହାକୁ ସ୍ୱାଗତ କରିଥିଲା । ଓଡିଆ ମାନଙ୍କ ଦାବୀକୁ ବିଚାର କରି ସାଇମନ କମିଶନ ଏକ ସବ କମିଟି ଗଠନ କରିଥିଲା । ଏହି କମିଟି ୨୭ ମେ ୧୯୩୦ ରେ ରିପୋର୍ଟ ପ୍ରଦାନ କରିଥିଲେ ଓଡିଶାକୁ ଏକ ସ୍ୱତନ୍ତ୍ର

ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ । ପ୍ରଥମ ଗୋଲଟେବୁଲ ବୈଠକରେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଯୋଗ ଦେଇ ସ୍ୱତନ୍ତ୍ର ଓଡିଶା ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।୧୯୩୧ ମସିହାରେ ସାମୁଏଲ ଓ ଡୋନେଲଙ୍କ ନେତୃତ୍ୱରେ ଗଠିତ ଓ ଡୋନେଲ କମିଟି ସୀମା ନିର୍ଦ୍ଧାରଣ ରିପୋର୍ଟ ପ୍ରସ୍ତୁତକରି ୧୯ ଏପ୍ରିଲ ୧୯୩୨ରେ ରିପୋର୍ଟ ପ୍ରଦାନ କରିଥିଲେ । ରିପୋର୍ଟ ଅନୁସାରେ ନୂତନ ଓଡିଶା ଗଠନରେ ଓଡିଶା ଡିଭିଜନରେ ଅନୁଗୁଳ,ଖରିଆର,ରାୟପୁର,ଗଞ୍ଜାମର ବୃହତ ଅଂଶ, ବିଶାଖାପାଟଣା ଆଦି ସାମିଲ ହେବ । ପରେ ଅନୁଗୁଳ, ପଦ୍ମପୁର,ଖରିଆର,ଗଞ୍ଜାମ,ବ୍ରହ୍ମପୁର,ଜୟପୁର,ପାରଳାଖେମୁଣ୍ଡିର କିଛି ଅଂଶ ପୂର୍ବ ଓଡିଶା ସହ ମିଶି ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ସ୍ଥିର ହୋଇଥିଲା । ୧୯୩୩ ରେ ହବାକ କମିଟି ସାର ଜନ ହବାକଙ୍କ ନେତୃତ୍ୱରେ ଓଡିଶା ପ୍ରଶାସନିକ କମିଟି ଗଠନ କରାଯାଇ କଟକକୁ ଓଡିଶାର ରାଜଧାନୀ ଭାବରେ ସ୍ଥିର କରାଯାଇଥିଲା । ୧୯୩୫ରେ ଭାରତ ଶାସନ ଆଇନ ପ୍ରଣୟନ ସହ ୨୮୯ ଧାରାରେ ଓଡିଶା ଓ ସିନ୍ଧୁ ପ୍ରଦେଶ ୨ଟି ନୂତନ ପ୍ରଦେଶ ଗଠନ ପାଇଁ ସ୍ୱକୃତୀ ଲାଭ କରିଥିଲା ।୩ ମାର୍ଚ୍ଚ୧୯୩୬ରେ ଓଡିଶା ଆଇନ ଇଂରେଜ ସମ୍ରାଟଙ୍କ ଅନୁମୋଦନ ଲାଭ କରିବାପରେ ୧ ଏପ୍ରିଲ ୧୯୩୬ରେ ଭାଷାକୁ ନେଇ ଗଠିତ ହେଲା ସ୍ୱତନ୍ତ ଓଡିଶା ପ୍ରଦେଶ । କଟକ, ପୁରୀ,ବାଲେଶ୍ୱର,ସମ୍ବଲପୁର ଓ କୋରାପୁଟ ଭଳି ୬ଟି ଜିଲ୍ଲାରେ ସିମୀତ ଥିଲା ଓଡିଶା ରାଜ୍ୟ ।

ଅଶୀବର୍ଷ ପରେ ନା ସୁରକ୍ଷିତ ଓଡିଆ ଭାଷା ନା ଓଡିଶା । ସ୍ୱତନ୍ତ୍ର ଓଡିଶାରେ ଓଡିଆ ଭାଷା ଅସୁରକ୍ଷିତ ।ଇଂରାଜୀକୁ ପ୍ରାଥମିକତା ଭିତିରେ ଇଂରାଜୀ ମାଧମ ବିଦ୍ୟାଳୟ ଆଜି ଗାଁ ଗହଳି ସବୁଠାରେ । ସମ୍ମାନ,ଗର୍ବ ଅହଂକାରର ଦ୍ୱାହିଦେଇ ଇଂରାଜୀ ମାଧମ ବିଦ୍ୟାଳୟରେ ଭିଡ ସରକାରୀ ବିଦ୍ୟାଳୟରେ ଖାଲି ।କେମିତି ସୁରକ୍ଷିତ ରହିବ ଏ ଭାଷା । ଓଡିଆବୋଲି ଯଦି ଆମ ମନରେ ଗର୍ବ ନାହିଁ, ଓଡିଆ କହିବାକୁ ଯଦି ଆମକୁ ସଙ୍କୋଚ ଲାଗୁଛି ,ଓଡିଆ କହିବା, ଲେଖିବା,ପଢିବା ଯଦି ଆମର ମାନସିକତା ମଧରେ ନାହିଁ ଓଡିଆ ଭାଷାକୁ ସୁରକ୍ଷିତ ଦେବା ଅଦୌ ସମ୍ଭବପର ନୁହଁ । ଯେଉଁ ରାଜ୍ୟ ଓଡିଆ ଭାଷାକୁ ନେଇ ଗଠିତ ସେହି ରଜ୍ୟରେ ଓଡିଆ ଭାଷାର ବିଲୋପ ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠି କାର୍ଯ୍ୟ କରୁଛି । ମୋ ଭାଷା ଓଡିଆ,ମୁଁ ଓଡିଆ ବୋଲି ଯେତେଦିନ ପର୍ଯ୍ୟନ୍ତ ଆମେ କହିପାରିନାହିଁ ସେ ପର୍ଯ୍ୟନ୍ତ ଭାଷାର ସୁରକ୍ଷା ହୋଇ ପାରିବ ନାହିଁ । ଯେତେଦିନ ପର୍ଯ୍ୟନ୍ତ ଆମ ଅସ୍ଥିମଜ୍ଜାରେ ଇଂରେଜ ମାନସିକତାର ରକ୍ତ ପ୍ରବାହିତ ହେଉଥିବ ସେତେଦିନ ପର୍ଯ୍ୟନ୍ତ ଓଡିଆ ଭାଷା ଅସୁରକ୍ଷିତ ହୋଇରହିଥିବ । ସରକାରୀ ଓଡିଆ ବିଦ୍ୟାଳୟର ମିଶ୍ରଣ ପାଇଁ ସରକାର ଚିନ୍ତାକରିବା ହେଉଛି ଆମମାନଙ୍କର ଇଂରାଜୀ ପ୍ରିତୀ ଏବଂ ଇଂରେଜୀ ଆଦବ କାଏଦା ହେବାର ଚିନ୍ତାଧାରା । ଓଡିଆ ମାଧମ ପିଲାମାନେ କଣ କେବେଳ ଢିଙ୍କି କୁଟନ୍ତି ଏବଂ ଇଂରାଜୀ ମାଧମ ପିଲାମାନେ ବୈଜ୍ଞାନିକ ହୁଅନ୍ତି । ଏଭଳି ମାନସିକତା ଯେତେଦିନ ପର୍ଯ୍ୟନ୍ତ ବସାବାନ୍ଧି ଆମ ଭିତରେ ରହିଥିବ ଓଡିଆ ମାଧମ ବିଦ୍ୟାଳୟ ଦିନେ ନିଶ୍ଚିହ୍ନ ହେବ ଆମକୁ ବି ଗୁଗୁଲରେଖୋଜିବାକୁ ପଡିବ ଅ ଆର ସ୍ୱରୂପ କଣ ? ସେତେବେଳେ ଆମେ ଆମ ଛାତିରେ ହାତ ରଖି କହିପାରିବାକି ଆମେ ଓଡିଆ ତ !ଏବେ ବି ସମୟ ଅଛି ଆମକୁ ସଚେତନ ହେବାକୁ ପଡିବ । ଆମକୁ ଆଗାମୀପିଢୀ ଭବିଷ୍ୟତ ବଂଶଧରଙ୍କ ପାଇଁ ସଜାଗ ହେବାକୁ ପଡିବ । ଓଡିଆ ଭାବରେ ପ୍ରତ୍ୟେକ ଓଡିଆ ଭାଷା ସୁରକ୍ଷା ପାଇଁ ସଜାଗ ହେବାକୁ ପହିଛ । ପିଲାମାନଙ୍କୁ ଓଡିଆ ଖବର କାଗଜ ପଡିବା ସହିତ ,ଗଳ୍ପ,କବିତା,ଶିଶୁ ସାହିତ୍ୟ ପଢିବା ଲେଖିବା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବାକୁ ପଡିବ । ବିଦ୍ୟାଳୟ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଲିପ୍ତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନ ଓଡିଆ ଭାଷାର ସୁରକ୍ଷା ପାଇଁ ଓଡିଆ ଭାଷା ପ୍ରତି ସଚେତନ ସୃଷ୍ଟି କରିବା ସହିତ ଲେଖିବା,ପଢିବା,ସଂଶୋଧନ କରିବା,ଶୃତଲିଖନ ଲେଖିବା ପ୍ରତି ସଚେତନନା ସୃଷ୍ଟି

କରିବାକୁ ପଡିବ । ସରକାର ମଧ ଏଥି ପ୍ରତି ଦୃଷ୍ଟି ଦେଇ ବାସ୍ତବତାକୁ ଉଲଲବଧି କରିବାକୁ ପଡିବ । ଶିଶୁ ସାହିତ୍ୟ ଏବଂ କିଶୋରମାନଙ୍କ ପାଇଁ ଜହ୍ନମାମୁ ,ଶିଶୁ ଲେଖା ଭଳି ପ୍ରତ୍ରିକା ଛପାଇବା ସହିତ ପଠନ ଲିଖନ ଉପରେ ଗୁରୁତ୍ୱ ଦେବାକୁ ପଡିବ । ପ୍ରତି ଘରେ ଏବଂ ଗ୍ରାମରେ ଓଡିଅ ଭାଗବତ ,ରାମାୟଣ ପଢିବା ସହିତ ଓଡିଆ ଭାଷାକି ବଂଚାଇବାକୁ ହେଲେ ସମସ୍ତଙ୍କ ମଧରେ ଓଡିଆବୋଲି ଗର୍ବ କରିବା ସହିତ ଓଡିଶାର ସ୍ୱର୍ଣ୍ଣିମ ଅତୀତକୁ ପୁଣି ଥରେ ଫେରାଇଆଣିବାକୁ ପଡିବ । ଭାଷାଟି ମରିନାହିଁ...ତାକୁ ଟକେ ଜ୍ୱର ହୋଇଛି ତାକୁ ମେଡିସିନ ଦେଇ ସୁସ୍ଥ କରିବାକୁ ପଡି ।ଓଡିଆ ଭାଷାର ଆହରଣ,ଉତ୍ପାଦନ ଏବଂ ପ୍ରସାରଣଶୀଳତା ଉପରେ ଧାନ ଦେବାକୁ ପଡିବ । ପ୍ରତି ଦଶ କିମି ପରିଧିରେ ଭାଷାର ବରିବର୍ତନ ହୋଇଥାଏ । ଓଡିଶାରେ ପଶ୍ଚିମାଚଂଳ,ଉ  ରା  ଳ ଏବଂ ଦକ୍ଷିଣାଚଂଳର ଭାଷାରେବା ବୋଲିରେ ତଫାତ୍ ପରିଲିଖିତ ହୋଇଥାଏ । କିନ୍ତୁ ଓଡିଆ ହିଁ ଏକ ମାତ୍ର ଭାଷା ଭାବରେରହିଛି । ବୈଦିକ ,ଦ୍ରାବିଡ ଏବଂ ଅର୍ଯ୍ୟ ଭାଷାକୁ ସମୃଦ୍ଧ କରିଥିବା ଓଡିଶା ନିଜର ଭାଷା ପାଇଁ ଆନ୍ଦୋଳନ କରିବାକୁ ପଡୁଛି ଏହାଠାରୁ ଆଉ ଅଧିକ କଣ ବିଡମ୍ବନା ହୋଇପାରେ ।

ଅଶୋକ ମହାରଣା,ସା/ପୋ-ସିମିନଇ,ଢେଙ୍କାନାଳ-୭୫୯୦୨୫ ମୋ: ୯୪୩୭୨୯୦୧୮୧